# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 March - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ ବଣ୍ଡ୍ ସମ୍ବନ୍ଧିତ ସମସ୍ତ ତଥ୍ୟ ଆସନ୍ତା ଗୁରୁବାର ସୁଦ୍ଧା ଦାଖଲ କରିବା ପାଇଁ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କକୁ ସର୍ବୋଚ୍ଚ ନ୍ୟାୟାଳୟ ଦେଲେ ନିର୍ଦ୍ଦେଶ

- ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କର ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ନିର୍ବାଚନୀ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ

- ଉତ୍ତମ ଗୁଣବତ୍ତା ଲାଗି ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲକୁ ମିଳିଲା ଜାତୀୟ ଗୁଣାତ୍ମକ ପୁରସ୍କାର

ଏବଂ

- ଗୁରୁଚାପର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ଅନୁମାନ କଲା ପାଣିପାଗ ବିଭାଗ

*Desk*

# ନିର୍ବାଚନ ବଣ୍ଡ ମାମଲା

ନିର୍ବାଚନ ବଣ୍ଡ୍ ସହ ଜଡ଼ିତ ସମ୍ପୂର୍ଣ୍ଣ ବିବରଣୀ ଆସନ୍ତା ଗୁରୁବାର ସୁଦ୍ଧା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼୍, ନିର୍ବାଚନ ବଣ୍ଡ୍ ସହିତ ଜଡ଼ିତ ସମସ୍ତ ତଥ୍ୟ ଦେବାକୁ କହିଛନ୍ତି । ଏସ୍‌ବିଆଇ ଜମା କରିଥିବା ନିର୍ବାଚନୀ ବଣ୍ଡ ବିବରଣୀ ଅସମ୍ପୂର୍ଣ୍ଣ ଦର୍ଶାଇ ୫ ଜଣିଆ ଖଣ୍ଡପୀଠ ପୂର୍ବରୁ ବ୍ୟାଙ୍କକୁ ନୋଟିସ୍ ଜାରି କରିଥିଲେ ଏବଂ ଆଜି ଏ ସମ୍ପର୍କରେ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଥିଲା । ସର୍ବୋଚ୍ଚ ଅଦାଲତ ଚଳିତ ମାସ ମାର୍ଚ୍ଚ ୧୧ ତାରିଖରେ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଷ୍ଟେଟ୍‌ବ୍ୟାଙ୍କକୁ ଇଲେକ୍‌ଟୋରାଲ ବଣ୍ଡ୍ ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ, କ୍ରୟ ତାରିଖ, କ୍ରେତାଙ୍କ ନାମ, ବଣ୍ଡ ନମ୍ବର ଏବଂ ଅର୍ଥଗ୍ରହଣ କରିଥିବା ଦଳ ସମ୍ପର୍କରେ ସୂଚନା ଦେବାକୁ କହିଥିଲେ ।

*HS*

# ପୁଲିସ ନିର୍ବାଚନୀ ସମୀକ୍ଷା ବୈଠକ

ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଠାରେ ଏକ ନିର୍ବାଚନୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତିକୁ ନେଇ

ହୋଇଥିବା ଏହି ବୈଠକରେ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ଥିଲେ। ବୈଠକରେ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନଶୃଙ୍ଖଳା ବିଭାଗର ଏଡିଜି ସଞ୍ଜୀୟ କୁମାରଙ୍କ ସହିତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ସବୁ ସମସ୍ତ ଜିଲ୍ଲାର ଏସ୍‌ପି ମାନେ ଅନ୍‌ଲାଇନ୍ ଜରିଆରେ ସାମିଲ ହୋଇଥିଲେ। ଆଜି ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଗଣମାଧମକୁ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ କହିଛନ୍ତି।

**V/O**

***Desk***

# ବିଜେପି କୋର୍ କମିଟି ବୈଠକ

ଆଗାମୀ ଲୋକସଭା ନିର୍ବାଚନକୁ ନେଇ ଭାରତୀୟ ଜନତା ପାର୍ଟିର କୋର କମିଟିର ବୈଠକ ଆଜି ଦିଲ୍ଲୀରେ ଅନୁଷ୍ଠିତ ହେଉଛି। ଏହି ବୈଠକରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଦେଶ ଅଧ୍ୟକ୍ଷ ଭୂପେନ୍ଦ୍ର ଚୌଧୁରୀ ସାମିଲ୍ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଓ ବି.ଏଲ୍ ସନ୍ତୋଷ ପ୍ରମୁଖ ସାମିଲ ହୋଇଛନ୍ତି । ଆଜିର ବୈଠକରେ ଓଡ଼ିଶା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଲୋକସଭା ଆସନ ନେଇ ଆଲୋଚନା ହେବ। ଏହା ସହ ଆଉ କିଛି ରାଜ୍ୟର ଆସନ ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି।

ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟ ପାଇଁ ବିଜେପି ପକ୍ଷରୁ ଲୋକସଭା ପ୍ରାର୍ଥୀ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଗତ ଶନିବାର ଦିନ ଭୁବନେଶ୍ୱରରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିର୍ବାଚନ କମିଟି ବୈଠକ ବସିଥିଲା। ଏଥିରେ ବିଧାନସଭା ଓ ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ ହୋଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

***BHK***

## ସାଧାରଣ ନିର୍ବାଚନ ପାଇଁ ଫ୍ଲାଗମାର୍ଚ୍ଚ

ଆଗାମୀ ୨୦୨୪ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ ପାଇଁ ଆଇନଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ନିମନ୍ତେ ଭଦ୍ରକ ଜିଲ୍ଲା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ସପ୍ତମ ପର୍ଯ୍ୟାୟରେ ଜୁନ୍ ୧ ତାରିଖରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିବାରୁ ମେ' ୭ ତାରିଖରେ ନୋଟିଫିକେସନ୍, ମେ' ୭ରୁ ୧୪ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ମେ' ୧୫ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ମେ' ୧୭ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ ବୋଲି ଜଣାପଡ଼ିଛି। ଜିଲ୍ଲାରେ ମୋଟ୍ ୧ହଜାର ୩୦୯ଟି ଭୋଟ୍ କେନ୍ଦ୍ରରେ ଗୋଟିଏ ଲୋକସଭା ଏବଂ ୫ଟି ବିଧାନସଭା ପାଇଁ ୧୨ ଲକ୍ଷ ୬୪ ହଜାର ୨୨୦ ମତଦାତା ଭୋଟ୍ ଦେବେ। ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଜନସାଧାରଣଙ୍କୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ସହଯୋଗ କାମନା କରିଛନ୍ତି। ସଦର ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ବରିଷ୍ଠ ପୁଲିସ

କମାଣ୍ଡର ସଞ୍ଜୀବ କୁମାର, ସଦର ଥାନା ଅଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ହୋଇଥିଲା।

***Desk***

# ୧ ନମ୍ବର ସ୍ଥାନରେ କ୍ୟାପିଟାଲ ହସପିଟାଲ

ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍‌ପିଟାଲକୁ ଜାତୀୟ ଗୁଣାତ୍ମକ ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନ୍‌କ୍ୱାସ) ପକ୍ଷରୁ କ୍ୱାଲିଟି ସାର୍ଟିଫିକେଟ୍ ମିଳିଛି। ରାଜ୍ୟର ଏହି ଡାକ୍ତରଖାନା ଦେଶରେ ୧ ନମ୍ବର ସ୍ଥାନ ପାଇଛି। ଏହି ବାବଦରେ ଏନ୍‌କ୍ୱାସ ପକ୍ଷରୁ କ୍ୟାପିଟାଲ ହସ୍‌ପିଟାଲକୁ ସାର୍ଟିଫିକେଟ୍ ସହିତ ୭୦ ଲକ୍ଷ ଟଙ୍କାର ପୁରସ୍କାର ମିଳିବ। ମିଳିଥିବା ସୂଚନା ଅନୁସାରେ, ହସ୍‌ପିଟାଲର ପ୍ରତ୍ୟେକ ବେଡ୍ ପିଛା ୧୦ ହଜାର ଲେଖାଏଁ ଅତିରିକ୍ତ ଅର୍ଥ ରାଶି ମିଳିବ। ସୂଚନାଯୋଗ୍ୟ, ଗତ ବର୍ଷ ଜୁଲାଇ ୭ ତାରିଖରେ ଏନ୍‌କ୍ୱାସ ପକ୍ଷରୁ ଏକ ଟିମ୍ ତିନିଦିନ ଧରି କ୍ୟାପିଟାଲ ହସପିଟାଲରେ ଥିବା ୧୮ଟି ବିଭାଗକୁ ବିସ୍ତୃତ ଭାବେ ଯାଞ୍ଚ କରିଥିଲେ। ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ଅସ୍ତ୍ରୋପଚାର, ରୋଗୀଙ୍କ ସୁରକ୍ଷା, ଜୀବାଣୁମୁକ୍ତ ପରିବେଶ, ମାନବସମ୍ବଳ ଏବଂ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁବିଧା ଭଳି ବିଭିନ୍ନ ବିଷୟ ଉପରେ ଅନୁଧ୍ୟାନ କରିଥିଲେ। କ୍ୟାପିଟାଲ ହସ୍‌ପିଟାଲକୁ ମିଳିଥିବା ଏହି ସମ୍ମାନ ଆଗାମୀ ଦିନରେ ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ସାହାଯ୍ୟ କରିବ ବୋଲି ହସ୍‌ପିଟାଲର ନିର୍ଦ୍ଦେଶକ କହିଛନ୍ତି।

***HS***

# ପୁରୀ ଶ୍ରୀମନ୍ଦିର ଡିପୋଜିଟ୍

ପୁରୀ ଶ୍ରୀମନ୍ଦିରରକୁ ବିଭିନ୍ନ ସୂତ୍ରରୁ ମିଳିଥିବା ଆର୍ଥିକ ଆୟ ମଧ୍ୟରୁ ୩୯ କୋଟି ୨୧ ଲକ୍ଷ ଟଙ୍କା ପ୍ରଶାସନ ପକ୍ଷରୁ ବ୍ୟାଙ୍କରେ ଜମା କରାଯାଇଛି । ୭ ଦଶମିକ ୮/ଶୂନ ପ୍ରତିଶତ ସୁଧ ହାରରେ କାନାରା ବ୍ୟାଙ୍କରେ ୩୬ କୋଟି ୩ ଲକ୍ଷ ଟଙ୍କା ଜମା କରାଯାଇଛି। ସେହିଭଳି ୭ ଦଶମିକ ୫/୫ ସୁଧ ହାରରେ ବ୍ୟାଙ୍କ ଅଫ ବରୋଦା ଜମା କରାଯାଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି।

***Desk***

# ମାଲକାନଗିରି ଭୋଟ୍

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାର ସବୁ ଅଞ୍ଚଳ ଗୁଡ଼ିକରେ ଭୋଟରମାନେ ସେମାନଙ୍କର ଗାଁରେ ମତାଧିକାର ସାବ୍ୟସ୍ତ କରିପାରିବେ। ମାଓ ପ୍ରଭାବିତ ଅଞ୍ଚଳ ଗୁଡ଼ିକର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଦଳ ନିର୍ଦ୍ଧାରିତ ସମୟ ଅନୁସାରେ କାର୍ଯ୍ୟରେ ଯୋଗଦେବେ। ଯେଉଁ ଅଞ୍ଚଳରେ ଯାନବାହନର ସୁବିଧା ନାହିଁ ସେହି ଅଞ୍ଚଳ ଗୁଡ଼ିକରେ ପୁଲିଂ ଦଳମାନଙ୍କର ଯାତାୟତ ପାଇଁ ନଦୀରେ ସ୍ୱତନ୍ତ୍ର ବୋଟ୍‌ର ବ୍ୟବସ୍ଥା କରାଯାଇଛି।

**Deogarh/Gajpati/Nabarangpur**

# ନିର୍ବାଚନ ପ୍ରସ୍ତୁତି ବୈଠକ

ଆଗାମୀ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ଭାବେ କରିବା ନିମନ୍ତେ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିସ୍-ମାଜିଷ୍ଟ୍ରେଟ୍ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ନିର୍ବାଚନକୁ ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ଆଇନ ରକ୍ଷାକାରୀମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକ ବୋଲି କହିଥିଲେ । ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାରକୁ ରୋକିବା ନିମନ୍ତେ ବ୍ୟାଙ୍କ ଗୁଡ଼ିକର ସହାୟତା ନିଆଯିବା ଆଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଛି। ସେହିପରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଗଜପତି ଜିଲ୍ଲାରେ ୪ ଲକ୍ଷ ୫୯ ହଜାର ୨୨୮ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୨୪ ହଜାର ୪୦୫ ପୁରୁଷ ଏବଂ ୨ ଲକ୍ଷ ୩୪ ହଜାର ୭୯୯ ଜଣ ମହିଳା ଅଛନ୍ତି । ଜିଲ୍ଲାରେ ୫୭୩ଟି ମତଦାନ କେନ୍ଦ୍ର ରହିଛି ।

***Desk***

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବନ୍ଦ କରାଯାଇଛି । ନିର୍ବାଚନ ପ୍ରକ୍ରିୟା ସଂପୂର୍ଣ୍ଣ ହେଲା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# କେୱାଇସି

ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ଅପରାଧିକ ପୃଷ୍ଠଭୂମି ବିଷୟରେ ସୂଚନା ଦେବା ନିମନ୍ତେ **ଆପଣଙ୍କ ପ୍ରାର୍ଥୀଙ୍କୁ ଜାଣନ୍ତୁ (KYC)** ଆପ୍ ନିର୍ବାଚନ ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହି ଆପ୍ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି । ଏହା ନାଗରିକମାନଙ୍କୁ ପ୍ରାର୍ଥୀମାନଙ୍କ ଅପରାଧ ବିବରଣୀ ସଂପର୍କରେ ସୂଚନା ପ୍ରଦାନ କରିବ । ପ୍ରାର୍ଥୀମାନଙ୍କ ପ୍ରୋଫାଇଲ୍, ନାମାଙ୍କନ ସ୍ଥିତି ଏବଂ ସତ୍ୟପାଠ ସହିତ ସଂପୂର୍ଣ୍ଣ ତଥ୍ୟ ଆଦି ଏଥିରେ ସ୍ଥାନୀତ ହେବ ।

***Desk***

# ପାଣିପାଗ

ଓଡ଼ିଶା ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଗୁରୁଚାପ ବଳୟ ରହୁଥିବାରୁ ବାୟୁମଣ୍ଡଳର ମଧ୍ୟଭାଗରୁ ଉପରଭାଗ ମଧ୍ୟରେ ନିମ୍ନଚାପରେଖା ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ

ଆସନ୍ତାକାଲିଠାରୁ କେତେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେହିସବୁ ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୧ ତାରିଖ ଯାଏଁ କାଳବୈଶାଖୀର ପ୍ରଭାବ ରହିବ ବୋଲି ମଧ୍ୟ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼, ନବରଙ୍ଗପୁର, ଅନୁଗୁଳ, ନୟାଗଡ଼, ଢେଙ୍କାନାଳ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ କଟକ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାରେ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।